रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼ି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ଵାରା ପ୍ରକାଶିତ**

**No. 1 NEW DELHI, FRIDAY, MAY 3, 1991/BAISAKH 13, 1913, (SAKA) VOL. 2**
**ସଂ 1 ନୂଆଦିଲ୍ଲୀ, ଶୁକ୍ରବାର, ମଇ 3, 1991/ବୈଶାଖ 13, 1913 (ଶକ) ଗ୍ରନ୍ଥଖଣ୍ଡ 2**

## MINISTRY OF LAW AND JUSTICE

**(Legislative Department)**

*New Delhi, dated the 3rd May 1991/13 Baisakh, 1913 (SAKA)*

The Translation in Oriya of the following:—

(1) The Convert's Marriage Dissolution Act, 1866 (2) The Suits Valuation Act, 1887 (3) The Excise (Spirits) Act, 1863 (4) The Children (Pledging of Labour) Act, 1933 (5) The Indian Telegraph Act, 1885 (6) The Two Member Constituencies (Abolition) Act, 1961, (7) The Police Act, 1861 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀ (ଉଚ୍ଛେଦ) ଅଧିନିୟମ, 1961

## 1961ର ଅଧିନିୟମ ସଂ 1

ସଂସଦ ଓ ବିଧାନ ସଭାର ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକର ଉଚ୍ଛେଦ ପାଇଁ ଓ ସେଗୁଡ଼ିକ ସ୍ଥାନରେ ଏକ-ସଦସ୍ୟ ନିର୍ବାଚନମଣ୍ଡଳୀ ସୃଷ୍ଟିପାଇଁ ଉପବନ୍ଧ କରିବା ନିମିତ୍ତ ଏକ ଅଧିନିୟମ ।

[ 9 ମାର୍ଚ୍ଚ, 1961 ]

ଭାରତ ଗଣରାଜ୍ୟର ଦ୍ୱାଦଶ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମ ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀ (ଉଚ୍ଛେଦ) ଅଧିନିୟମ, 1961 ନାମରେ ଅଭିହିତ ହେବ ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ଅଧିନିୟମରେ,—

(କ) "ଆୟୋଗ" ଅର୍ଥ ସଂବିଧାନର ଅନୁଚ୍ଛେଦ 324 ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ନିର୍ବାଚନ ଆୟୋଗ;

(ଖ) "ପରିସୀମନ ଆଦେଶ" ଅର୍ଥ ସଂସଦ ଓ ବିଧାନ ସଭା ନିର୍ବାଚନମଣ୍ଡଳୀଗୁଡ଼ିକର ପରିସୀମନ ଆଦେଶ, 1956;

(ଗ) "ଆସୀନ ସଦସ୍ୟ" ଅର୍ଥ, ଯେଉଁ ବ୍ୟକ୍ତି ସମ୍ପୃକ୍ତ ରାଜ୍ୟର ସରକାରୀ ଗେଜେଟରେ ଧାରା 4ର ଖଣ୍ଡ (ଗ) ଅନୁଯାୟୀ ଅଧିସୂଚନା ପ୍ରକାଶନର ଅବ୍ୟବହିତ ପୂର୍ବ ତାରିଖରେ, ଯଥାସ୍ଥିତି, ସେହି ରାଜ୍ୟରୁ ଲୋକସଭାର ବା ସେହି ରାଜ୍ୟର ବିଧାନ ସଭାର ସଦସ୍ୟ ଥାଆନ୍ତି, ସେହି ବ୍ୟକ୍ତି;

(ଘ) "ରାଜ୍ୟ" ଶବ୍ଦର ଅର୍ଥରେ ସଂଘ ରାଜ୍ୟକ୍ଷେତ୍ର ଅନ୍ତର୍ଗତ ହେବ;

(ଙ) "ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀ" ଅର୍ଥ ପରିସୀମନ ଆଦେଶ ସଂଲଗ୍ନ ପ୍ରଥମ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଦ୍ୱି-ସଦସ୍ୟ ସଂସଦ ନିର୍ବାଚନମଣ୍ଡଳୀ ବା ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ଦ୍ୱି-ସଦସ୍ୟ ବିଧାନ ସଭା ନିର୍ବାଚନମଣ୍ଡଳୀ ।

ଦ୍ୱି-ସଦସ୍ୟ ନିର୍ବାଚନ ମଣ୍ଡଳୀର ବିଭଜନ ।

3. ଆୟୋଗ ଯଥାସାଧ୍ୟ ଶୀଘ୍ର ଓ ଏଥିରେ ଉପବନ୍ଧିତ ହୋଇଥିବା ରୀତିରେ (ଗୁଜରାଟ ରାଜ୍ୟରେ ଥିବା ଦ୍ୱି-ସଦସ୍ୟ ବିଧାନ ସଭା ନିର୍ବାଚନମଣ୍ଡଳୀ ଭିନ୍ନ ଅନ୍ୟ) ପ୍ରତ୍ୟେକ ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀକୁ ଦୁଇଟି ଏକ-ସଦସ୍ୟ ନିର୍ବାଚନମଣ୍ଡଳୀରେ ବିଭାଜନ କରିବେ, ସେଗୁଡ଼ିକର ପରିସରକୁ ପରିସୀମିତ କରିବେ ଓ ନିମ୍ନ ଉପବନ୍ଧଗୁଡ଼ିକ ପ୍ରତି ଧ୍ୟାନ ଦେଇ ସେହି ସ୍ଥାନଗୁଡ଼ିକ ମଧ୍ୟରୁ କେଉଁ ସ୍ଥାନ ଅନୁସୂଚିତ ଜାତି ବା, ଯଥାସ୍ଥିତି, ଅନୁସୂଚିତ ଜନଜାତି ପାଇଁ ଆରକ୍ଷିତ ହେବ, ତାହା ନିଷ୍ପତ୍ତି କରିବେ :—

(କ) ପ୍ରତ୍ୟେକ ଏକ-ସଦସ୍ୟ ନିର୍ବାଚନମଣ୍ଡଳୀ ଭୌଗୋଳିକ ଦୃଷ୍ଟିରୁ ଯଥାସାଧ୍ୟ ସଂହତ କ୍ଷେତ୍ର ହେବ ଓ ତାହାକୁ ପରିସୀମନ କରିବାବେଳେ ତାହାର ପ୍ରାକୃତିକ ବିଶିଷ୍ଟତା, ପ୍ରଶାସନୀୟ ଇଉନିଟଗୁଡ଼ିକର ବିଦ୍ୟମାନ ଚତୁଃସୀମା, ଯୋଗାଯୋଗର ସୁବିଧା ଓ ସର୍ବସାଧାରଣଙ୍କ ସୁବିଧା ପ୍ରତି ଧ୍ୟାନ ଦିଆଯିବ; ଓ

(ଖ) ସେହି ଏକ-ସଦସ୍ୟ ନିର୍ବାଚନମଣ୍ଡଳୀ ମଧ୍ୟରୁ ଯେଉଁଟିରେ ଆୟୋଗଙ୍କ ମତରେ, ଯଥାସ୍ଥିତି, ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତିଙ୍କର ଜନସଂଖ୍ୟା ବହୁତ ଅଧିକ ଥିବ ସେହି ନିର୍ବାଚନମଣ୍ଡଳୀର ଆସନ ଆରକ୍ଷିତ ହେବ ।

ସ୍ପଷ୍ଟୀକରଣ—ଏହି ଧାରାରେ ଜନସଂଖ୍ୟା ଅର୍ଥ 1951 ଜନଗଣନାରେ ନିରୂପିତ ହୋଇଥିବା ଜନସଂଖ୍ୟା ।

ବିଭଜନର ରୀତି

4. ଆୟୋଗ ପ୍ରତ୍ୟେକ ରାଜ୍ୟ ସମ୍ପର୍କରେ,—

(କ) ଧାରା 3ରେ ଉଲ୍ଲିଖିତ ବିଷୟଗୁଡ଼ିକ ସମ୍ବନ୍ଧରେ ନିଜର ପ୍ରସ୍ତାପନା ପ୍ରସ୍ତୁତ କରି ଭାରତ ଗେଜେଟରେ, ରାଜ୍ୟ ସରକାରୀ ଗେଜେଟରେ ଏବଂ ଆୟୋଗ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହେଉଥିବା ରାଜ୍ୟ ଆଞ୍ଚଳିକ ଭାଷାର ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶ କରିବେ ଏବଂ ତତ୍‌ସହ ଉକ୍ତ ପ୍ରସ୍ତାପନାଗୁଡ଼ିକ ସମ୍ପର୍କରେ କୌଣସି ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରି କେଉଁ ତାରିଖରେ ବା କେଉଁ ତାରିଖ ପରେ ତାହାର ପୁନର୍ବିଚାର ହେବ ତାହା ବିନିର୍ଦ୍ଦିଷ୍ଟ କରି ଏକ ନୋଟିସ ମଧ୍ୟ ପ୍ରକାଶ କରିବେ ।

(ଖ) ସେପରି ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ନିକଟେ ପାଇଥିବା ସମସ୍ତ ଆପତ୍ତି ଓ ପ୍ରସ୍ତାବମାନ ବିଚାର କରିବାପରେ ଧାରା 3 ରେ ସୂଚିତ ବିଷୟମାନ ଅବଧାରଣ କରିବେ, ଏବଂ

(ଗ) ରାଜ୍ୟର ସରକାରୀ ଗେଜେଟରେ ଓ ଭାରତର ଗେଜେଟରେ ଅଧିସୂଚନା ଦ୍ୱାରା ଏହାର ନିଷ୍ପତ୍ତିକୁ କାର୍ଯ୍ୟାନ୍ୱିତ କରିବାପାଇଁ ଆବଶ୍ୟକ ଜଣାପଡୁଥିବା ପ୍ରକାରେ ପରିସୀମନ ଆଦେଶରେ ସେପରି ସଂଶୋଧନ କରିସିବାକୁ ନିର୍ଦ୍ଦେଶ ଦେବେ ।

ବିଭାଜନର ପରିଣାମ ।

5. ସଂପୃକ୍ତ ରାଜ୍ୟର ସରକାରୀ ଗେଜେଟରେ ଧାରା 4 ର ଖଣ୍ଡ (ଗ) ଅନୁଯାୟୀ ଅଧିସୂଚନାର ପ୍ରକାଶନ ତାରିଖଠାରୁ,—

(କ) (ଗୁଜରାଟ ରାଜ୍ୟର ଦ୍ୱି-ସଦସ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ଭିନ୍ନ ଅନ୍ୟ) ରାଜ୍ୟର ପ୍ରତ୍ୟେକ ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀ ଆଉ ରହିବ ନାହିଁ ଓ ତାହା ପରିବର୍ତ୍ତେ ସଂଶୋଧିତ ପରିସୀମନ ଆଦେଶରେ ଉପବନ୍ଧିତ ହୋଇଥିବା ପ୍ରକାରେ (ଏଥିପରେ "ଅନୁରୂପ ନୂତନ ନିର୍ବାଚନମଣ୍ଡଳୀ" ଭାବେ ସୂଚିତ) ଦୁଇଟି ଏକ-ସଦସ୍ୟ ନିର୍ବାଚନମଣ୍ଡଳୀ ରହିବ;

(ଖ) ରାଜ୍ୟର କୌଣସି ଆରକ୍ଷିତ ଆସନ ପୂରଣ କରିବାକୁ ନିର୍ବାଚିତ ହୋଇଥିବା ରାଜ୍ୟର ଯେ କୌଣସି ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀର ଆସୀନ ସଦସ୍ୟ, ଯେଉଁ ନିର୍ବାଚନ ମଣ୍ଡଳୀରେ ଆସନ ଆରକ୍ଷିତ ହୋଇଥିବ ସେହି ଅନୁରୂପ ନୂତନ ନିର୍ବାଚନମଣ୍ଡଳୀରୁ, ଯଥାସ୍ଥିତି, ଲୋକସଭା ବା ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଛନ୍ତି ବୋଲି ବିବେଚିତ ହେବେ ଏବଂ ସେହି ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀର ଅନ୍ୟ ଆସୀନ ସଦସ୍ୟ ଅନ୍ୟ ଅନୁରୂପ ନୂତନ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି ବୋଲି ବିବେଚିତ ହେବେ; ଏବଂ

(ଗ) ଉକ୍ତ ତାରିଖର ଅବ୍ୟବହିତ ପୂର୍ବରୁ ରାଜ୍ୟର କୌଣସି ଦ୍ୱି-ସଦସ୍ୟ ନିର୍ବାଚନମଣ୍ଡଳୀରେ ବିଦ୍ୟମାନ ଥିବା କୌଣସି ସାମୟିକ ଶୂନ୍ୟସ୍ଥାନ, ଯଦି ଏକ ଆରକ୍ଷିତ ଆସନ ହୋଇଥାଏ, ତାହାହେଲେ ତାହା ଆରକ୍ଷିତ ହୋଇଥିବା ସେହି ଅନୁରୂପ ନୂତନ ନିର୍ବାଚନମଣ୍ଡଳୀରେ ଏକ ସାମୟିକ ଶୂନ୍ୟତା ବୋଲି ବିବେଚିତ ହେବ, ଏବଂ ଅନ୍ୟ ଆସନରେ ହୋଇଥିଲେ ତାହା ଅନ୍ୟ ଅନୁରୂପ ନୂତନ ନିର୍ବାଚନମଣ୍ଡଳୀରେ ସାମୟିକ ଶୂନ୍ୟସ୍ଥାନ ବୋଲି ବିବେଚିତ ହେବ ।

ଗୁଜରାଟ ପାଇଁ ବିଶେଷ ଉପବନ୍ଧ; 1960 ର ଅଧିନିୟମ 11 ର ଧାରା 19ର ସଂଶୋଧନ ।

6. ବମ୍ବେ ପୁନର୍ଗଠନ ଅଧିନିୟମ, 1960ର ଧାରା 19 ରେ—

(କ) ଉପଧାରା (2) ରେ, ଖଣ୍ଡ (ଖ) ବଦଳେ ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ ହେବ:—

"(ଖ) କେଉଁ କେଉଁ ବିଧାନ ସଭା ନିର୍ବାଚନମଣ୍ଡଳୀରେ ସେହି ରାଜ୍ୟ ବିଭାଜିତ ହେବ, ସେପରି ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ବିସ୍ତାର ଓ ସେଗୁଡ଼ିକ ମଧ୍ୟରୁ କେଉଁ ଗୁଡ଼ିକରେ ଅନୁସୂଚିତ ଜାତିପାଇଁ ବା ଅନୁସୂଚିତ ଜନଜାତି ପାଇଁ ସ୍ଥାନ ଆରକ୍ଷିତ ହେବ ; ଏବଂ";

(ଖ) ଉପଧାରା (3) ବଦଳେ ନିମ୍ନଲିଖିତ ଉପଧାରା ପ୍ରତିସ୍ଥାପିତ ହେବ:—

"(3) ଉପଧାରା (2)ର ଖଣ୍ଡ (ଖ) ଓ (ଗ)ରେ ସୂଚିତ ବିଷୟମାନ ଅବଧାରଣ କରିବାରେ ନିର୍ବାଚନ ଆୟୋଗ ନିମ୍ନଲିଖିତ ଉପବନ୍ଧଗୁଡ଼ିକ ପ୍ରତି ଧ୍ୟାନ ଦେବେ, ଯଥା:—

(କ) ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଏକ-ସଦସ୍ୟ ନିର୍ବାଚନମଣ୍ଡଳୀ ହେବ;

(ଖ) ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଯଥାସମ୍ଭବ ଏକ ଭୌଗୋଳିକ ସଂହତ କ୍ଷେତ୍ର ହେବ ଓ ତାହାକୁ ପରିସୀମନ କରିବା ବେଳେ ପ୍ରାକୃତିକ ବିଶିଷ୍ଟତା, ପ୍ରଶାସନିକ ୟୁନିଟଗୁଡ଼ିକର ବିଦ୍ୟମାନ ଚତୁଃସୀମା, ଯୋଗାଯୋଗର ସୁବିଧା ଓ ସର୍ବସାଧାରଣଙ୍କ ସୁବିଧା ପ୍ରତି ଧ୍ୟାନ ଦିଆଯିବ; ଓ

(ଗ) ଯେଉଁ ନିର୍ବାଚନମଣ୍ଡଳୀରେ ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତି ପାଇଁ ଆସନ ଆରକ୍ଷିତ ହୋଇଥାଏ, ତାହା ଯଥାସାଧ୍ୟ ଯେଉଁଠାରେ ଅନୁସୂଚିତ ଜାତି ବା, ଯଥାସ୍ଥିତି, ଅନୁସୂଚିତ ଜନଜାତିର ଜନସଂଖ୍ୟା ଅତ୍ୟଧିକ ସେଠାରେ ଅବସ୍ଥିତ ହେବ, କିନ୍ତୁ ଅନୁସୂଚିତ ଜାତିଙ୍କ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଆରକ୍ଷିତ ଆସନର ବଣ୍ଟନ ପାଇଁ ଯତ୍ନ କରାଯିବ ।"।

**ପରିସୀମନ ଆଦେଶର ପୁନରୀକ୍ଷଣ**

7. (1) ଧାରା 4 ର ଉପଖଣ୍ଡ (ଗ) ଅନୁଯାୟୀ ସମସ୍ତ ଅଧିସୂଚନା ପ୍ରକାଶିତ ହେବା ପରେ ଓ ବମ୍ବେ ପୁନର୍ଗଠନ ଅଧିନିୟମ, 1960 ର ଧାରା 19ର ଉପଧାରା (5) ରେ ସୂଚିତ ଆଦେଶ ଦିଆଯିବା ପରେ 1960 ର 11 ଆୟୋଗ—

(କ) ସମସ୍ତ ନିର୍ବାଚନମଣ୍ଡଳୀର ବିସ୍ତାର ସଂପର୍କୀୟ ବର୍ଣ୍ଣନା ଅଦ୍ୟତନ କରିବା ପାଇଁ ଓ ପରିସୀମନ ଆଦେଶର ଅନୁସୂଚୀରେ ସେଗୁଡ଼ିକ ଯେଉଁ କ୍ରମରେ ଦର୍ଶାଯାଇଛି ତାହାର ଉତ୍ତମ ବିନ୍ୟାସ ପାଇଁ ତାହାଙ୍କୁ ଆବଶ୍ୟକ ଜଣାପଡୁଥିବା ପ୍ରକାରେ ପରିସୀମନ ଆଦେଶରେ ସେପରି ଅଧିକତର ସଂଶୋଧନ କରିବେ; ଏବଂ

(ଖ) କେନ୍ଦ୍ର ସରକାରଙ୍କୁ ଓ ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ସେପରି ସଂଶୋଧିତ ପୁନରୀକ୍ଷିତ ପରିସୀମନ ଆଦେଶର ଅଧିପ୍ରମାଣିତ ପ୍ରତିଲିପି ପଠାଇବେ ।

(2) କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର ପୁନରୀକ୍ଷିତ ପରିସୀମନ ଆଦେଶ ପାଇବା ପରେ ଯଥାଶୀଘ୍ର ତାହାକୁ ଲୋକସଭା ସମକ୍ଷରେ ବା, ଯଥାସ୍ଥିତି, ସେହି ରାଜ୍ୟର ବିଧାନ ସଭା ସମକ୍ଷରେ ଉପସ୍ଥାପନ କରାଯିବ ।

**ପରିସୀମନ ଆଦେଶକୁ ଅଦ୍ୟତନ କରିବା କ୍ଷମତା**

8. ଆୟୋଗ ସମୟକୁ ସମୟ ଭାରତର ଗେଜେଟରେ ଓ ସଂପୃକ୍ତ ରାଜ୍ୟର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା,

(କ) ପୁନରୀକ୍ଷିତ ପରିସୀମନ ଆଦେଶରେ କୌଣସି ମୁଦ୍ରଣ ଭ୍ରମକୁ ଅଥବା ଅନିଚ୍ଛାକୃତ ବିଚ୍ୟୁତି ବା ଲୋପରୁ ଉଦ୍ଭୂତ କୌଣସି ପ୍ରମାଦକୁ ସଂଶୋଧନ କରିପାରିବେ, ଓ

(ଖ) ଯେଉଁଠାରେ ଉକ୍ତ ଆଦେଶର ଅନୁସୂଚୀରେ ଉଲ୍ଲିଖିତ କୌଣସି ଜିଲ୍ଲା ବା କୌଣସି ରାଜ୍ୟକ୍ଷେତ୍ର ଖଣ୍ଡର ଚତୁଃସୀମା ବା ନାମକୁ ପରିବର୍ତ୍ତନ କରାଯାଇଥାଏ ସେଠାରେ ଅନୁସୂଚୀକୁ ଅଦ୍ୟତନ କରିବା ପାଇଁ ତାହାଙ୍କୁ ଯେପରି ଆବଶ୍ୟକ ବା ସମୀଚୀନ ବୋଲି ପ୍ରତୀୟମାନ ହେବ ସେପରି ସଂଶୋଧନ କରି ପାରିବେ ।